| | |
|---|---|
| Taking care of the relatives: Article of faith in Islam | ସଂପର୍କୀୟମାନଙ୍କର ଯତ୍ନ ନେବା: ଇସ୍ଲାମରେ ବିଶ୍ୱାସ ସଂପର୍କିତ ନିବନ୍ଧ |
| | |
| Dr Syed Zafar Mahmood, | ଡକ୍ଟର ସୟଦେ ଜାଫର୍ ମହମ୍ମଦ, |
| | |
| Last week an elderly lady in my extended family left for her eternal abode. May Allah bless her soul with a high pedestal in Paradise, amen. Later during condolence sessions it came to light that her son is highly technically qualified and worked in the Gulf at half a million Rupees monthly salary. As mother began falling frequently ill he requested his wife to shift to New Delhi, permanently stay with mother and serve her. The good wife happily agreed and shifted base to the Indian capital. In due course, as mother began remaining regularly unwell, the son quit his lucrative job in the Gulf, took up a not so good position in the national capital region and both of them started living full time with mother. He noticed that due to her aching knees mother was not able to climb up while she liked to sit in the sun on the roof. He carved out space in a corner of the house and got an elevator installed. Lo & behold, even in the 21st century there are some persons in the world who discern God's real purpose behind creating the humanity and act thereupon. One feels like envying the parental upbringing of this young couple. The boy and his wife were actually implementing God's command in letter and spirit: In the best way possible do good to your parents and the relatives (holy Quran 4.36). Even Dr Sir Mohammad Iqbal was amazed at such high level of parental upbringing: | ଗତ ସପ୍ତାହରେ ମୋ କୁଟୁମ୍ବର ଜଣେ ବୃଦ୍ଧା ଦେହ ତ୍ୟାଗ କଲେ। ଆହ୍ଲା ତାଙ୍କର ଆତ୍ମାକୁ ସ୍ୱର୍ଗରେ ସ୍ଥାନ ଦିଅନ୍ତୁ, ଅମିନ୍। ଶାନ୍ତ୍ୱନା ପ୍ରଦାନ ଅବସରରେ ଏହା ଜାଣିବାକୁ ପାଇଲୁ ଯେ ତାଙ୍କର ପୁଅ ଉଚ୍ଚ ଶିକ୍ଷିତ ଏବଂ ଗଲ୍ଫରେ ମାସିକ ଅଧ ନିୟୁତ ଟଙ୍କାର ବେତନରେ ଚାକିରି କରୁଥିଲେ। ତାଙ୍କର ମାଆ ବାରମ୍ବାର ଅସୁସ୍ଥ ହେବାରୁ ସେ ତାଙ୍କର ସ୍ତ୍ରୀଙ୍କୁ ସ୍ଥାୟୀ ଭାବରେ ନୂଆଦିଲ୍ଲୀ ସ୍ଥାନାନ୍ତରିତ ହୋଇ ଆସିବାକୁ କହିଲେ। ସ୍ତ୍ରୀ ମଧ୍ୟ ଖୁସିରେ ରାଜି ହୋଇ ଶାଶୂଙ୍କର ସେବା କରିବାକୁ ଚାଲିଆସିଲେ। ସେ ଦିଲ୍ଲୀରେ ରହିଲେ। ଏହା ଭିତରେ ତାଙ୍କର ମାଆ ସବୁବେଳେ ଅସୁସ୍ଥ ରହିଲେ। ତେଣୁ ପୁଅ ଗଲ୍ଫର ଆକର୍ଷଣୀୟ ଚାକିରି ଛାଡ଼ି ମାଆଙ୍କ ସେବା କରିବାକୁ ଦେଶକୁ ଫେରିଆସିଲେ। ଦିଲ୍ଲୀରେ ଯଥାକଥା ଚାକିରିଟେ କରି ରହିଲେ। ଦୁହେଁ ମନପ୍ରାଣ ଦେଇ ମାଆଙ୍କର ସେବା କଲେ। ସେ ଲକ୍ଷ୍ୟ କଲେ ଯେ ମାଆଙ୍କର ଆଣ୍ଠୁବ୍ୟଥା ହୋଇଥିବାରୁ ସେ ପାହାଚ ଚଢ଼ି ପାରୁନାହାନ୍ତି। କିନ୍ତୁ, ତାଙ୍କର ଛାତରେ ବସି ଖରା ପୋଇଁବାକୁ  ଭାରି ମନ। ତେଣୁ ପୁଅ ଘରର ଗୋଟିଏ କୋଣରେ ଜାଗା ବାହାର କରି ଏଲିଭେଟରଟିଏ ଲଗାଇଲେ। ଆଜିକାଲି ଯୁଗରେ ଏକବିଂଶ ଶତାଦ୍ଦୀରେ କୌଣସି ବ୍ୟକ୍ତି ଈଶ୍ୱରଙ୍କର ମନୁଷ୍ୟକୁ ଜନ୍ମ ଦେବାର ବାସ୍ତବ ଉଦ୍ଦେଶ୍ୟକୁ ହୃଦୟଙ୍ଗମ କରି କାର୍ଯ୍ୟ କରୁଥିବା ଲୋକ ଖୁବ୍ କମ୍ ଦେଖାଯାଆନ୍ତି।ଯେ କେହି ଏହି ଦମ୍ପତ୍ତିଙ୍କର ପିତାମାତାଙ୍କୁ ତାଙ୍କର ଉଚ୍ଚ ସଂସ୍କାର ପାଇଁ ଈର୍ଷା କରିବେ। ଏହି ଦମ୍ପତ୍ତି ପ୍ରକୃତରେ କାୟ ମନୋବାକ୍ୟରେ ଈଶ୍ୱରଙ୍କର ନିର୍ଦ୍ଦେଶ ପତ୍ର କାର୍ଯ୍ୟରେ ଲଗାଉଛନ୍ତି। ଶ୍ରେଷ୍ଠ ଉପାୟ ହେଉଛି ଆପଣଙ୍କ ପିତାମାତା ଏବଂ ସଂପର୍କୀୟମାନଙ୍କର ମଙ୍ଗଳ କରନ୍ତୁ (ପବିତ୍ର କୋରାନ୍ ୪.୩୬) ଏପରିକି ଡକ୍ଟର ସାର୍ ମହମ୍ମଦ ଇକ୍ୱାଲ୍ ମଧ୍ୟ ପିତାମାତାଙ୍କ ପ୍ରତି ଏପରି ଉଚ୍ଚ ସଂସ୍କାର ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। |
| | |
| *Ye faizan-e nazarthayakimaktabkikaraamatthi*<br>*Sikhaayekis-ne Ismaeelkoadaab-e farzandee* | ୟେ ଫଜୈନ-ଏ ନଜର୍ଥା ୟା ମକ୍ତବ କି କରାମତ ଥି<br><br>ସିଖାୟେ କିସ-ନେ ଇସମାଇଲ୍କୋ ଆଦାବ-ଏ ଫର୍ଜାନଦି |

| | |
|---|---|
| | |
| Was it the school lesson or parental upbringing that taught Ismail (Ishmael) what should he happily forbear for the sake of his parents' pleasure ? | ଏହା ସ୍କୁଲ୍‌ରେ ପଢ଼ାଯାଇଥିଲା କିମ୍ବା ଇସ୍ମାଇଲ୍‌କୁ ପିତାମାତା ଲାଳନ ପାଳନ କଲା ବେଳେ ଶିଖାଇଥିଲେ, ପିତାମାତାଙ୍କର ଆନନ୍ଦ ପାଇଁ ସେ  କଣ କଣ ଆନନ୍ଦରେ ସହ୍ୟ କରିବା ଉଚିତ୍? |
| | |
| While the significance of serving the parents is generally well known let's try to understand what God has enjoined upon us in respect of our relatives. In order to describe the relatives God has used two types of terms in the Quran: *Arhaam* and *Aqraboon* or other derivatives of the 3-letter Arabic root QRB like *Qurba, Aqrabeen, Maqraba. Arhaam* is plural of *Rahm* that's the chamber in the mother's sacrosanct body in which the human being gestates. But as a collective noun, *Arhaam* has been used in Quran Kareem to describe one's extended family comprising all the relatives both through birth and matrimony. As per divine instruction each one of us has to continuously and duly discharge the obligations of kinship (4.1). Maulana Abdul MajidDaryabadi writes in *Tafseer-e-Majidi* that according to the divine law (*Shari'at*) the kinship group is the basic unit of society. Prophetic tradition says that, hanging from the celestial throne, the womb supplicates God to 'bless those who augment me and censure those who frustrate my centrifugal aspirations'. Quranic commentators mutually agree that patronizing the relatives is a fundamental obligation of faith (*Wajib*) and to | ଯଦିଓ ପିତାମାତାଙ୍କ ସେବା କରିବାର ଗୁରୁତ୍ୱ ବିଷୟରେ ସାଧାରଣ ସମସ୍ତେ ଜାଣନ୍ତି, ଆସନ୍ତୁ ଜାଣିବାକୁ ଚେଷ୍ଟା କରିବା ଯେ ଈଶ୍ୱର ଆମ ସଂପର୍କୀୟଙ୍କ ଉଦ୍ଦେଶ୍ୟରେ ଆମକୁ କି ଦାୟିତ୍ୱ ଦେଇଛନ୍ତି। ସଂପର୍କୀୟମାନଙ୍କ ବର୍ଣ୍ଣନା କରିବା ପାଇଁ ଈଶ୍ୱର କୋରାନ୍‌ରେ ଦୁଇ ପ୍ରକାରର ପଦ ବ୍ୟବହାର କରିଛନ୍ତି: ଆର୍‌ହାମ୍ ଏବଂ ଆକ୍ୱାରାବୋନ୍‌କିମ୍ବା ଅନ୍ୟାନ୍ୟ ଉପପାଦ୍ୟଗୁଡ଼ିକ ପାଇଁ ତିନି ଅକ୍ଷର ଆରବିକ୍ ଅକ୍ଷର କ୍ୟୁଆରବି ଯେପେରିକି ପୂର୍ବା ଆକ୍ରାବିନ୍, ମାକ୍ରାବା। ଆର୍‌ହାମ୍ ହେଉଛି ରହାମ୍‌ର ବହୁବଚନ ଶବ୍ଦ ଯାହା ହେଉଛି ମାତାଙ୍କର ପବିତ୍ର ଶରୀରର ପ୍ରକୋଷ୍ଠ, ଯେଉଁଠାରେ ମନୁଷ୍ୟ ଗର୍ଭସ୍ଥ ହୋଇ ରହିଥାଏ। କିନ୍ତୁ ଏକ ଗୋଷ୍ଠୀ ବାଚକ, ବିଶେଷ୍ୟ ଭାବରେ, ଆରହାମ୍‌କୁ କୋରାନ୍ କରିମ୍‌ରେ ଜଣକର ପରିବର୍ଦ୍ଧିତ ପରିବାରକୁ ବୁଝାଏ, ଯାହାକି ଜନ୍ମ ଏବଂ ବିବାହ ଦ୍ୱାରା ସଂପର୍କିତ ସମସ୍ତ ସଂପର୍କୀୟଙ୍କୁ ନେଇ ଗଠିତ। ଈଶ୍ୱରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆମେ ପ୍ରତ୍ୟେକେ କ୍ରମାଗତ ଭାବରେ ଏବଂ ଯଥାର୍ଥ ଭାବରେ ଆମର ସଂପର୍କୀୟମାନଙ୍କ ପ୍ରତି କିଛିନା କିଛି ଦାୟିତ୍ୱ ନିର୍ବାହ କରିବାକୁ ହୋଇଥାଏ (୪.୧)। ତଫ୍‌ସିର୍‌ଇ- ମାଜିଦିରେ ମୌଲାନା ଅବ୍ଦୁଲ୍ ମାଜିତ୍ ଦାର୍ଜ୍ୟାବାଦି ଲେଖନ୍ତି ଈଶ୍ୱରଙ୍କ ଆଇନ (ସରିଆତ୍) ଅନୁଯାୟୀ ଏହି ସଂପର୍କ ଗୋଷ୍ଠୀ ହେଉଛି ସମାଜର ମୂଳ ଏକକ। ଧର୍ମଗୁରୁ ପରମ୍ପରା କହେ ଯେ, ଦୈବୀ ସଂହାସନ ଉପରେ ବସି, ଜରାୟୁ ଈଶ୍ୱରଙ୍କୁ ଜଣାଏ ଯେ, ଯେଉଁମାନେ ମୋତେ ଭଲ ପାଆନ୍ତି ସେମାନଙ୍କୁ ସମୃଦ୍ଧ କର, ଆଶୀର୍ବାଦ ଦିଅ ଏବଂ ଯେଉଁମାନେ ମୋର ଅନ୍ତରର ଇଛାକୁ ଦୁଃଖ ଦିଅନ୍ତି ସେମାନଙ୍କୁ ଦଣ୍ଡ ଦିଅ" କୋରାନ୍‌ର ଆଲୋଚକମାନେ ପରସ୍ପର ସହିତ ସମ୍ମତ ହୁଅନ୍ତି ଯେ ସଂପର୍କୀୟମାନଙ୍କୁ ପୃଷ୍ଠପୋଷାକତା ପ୍ରଦାନ କରିବା ହେଉଛି ବିଶ୍ୱାସ (ୱାଜିବ୍)ର ଏକ ମୌଳିକ ଦାୟିତ୍ୱ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ଭାବରେ ଏହାକୁ ଭୃକ୍ଷେପ ନ କରିବା ହେଉଛି ଧର୍ମର ବିରୁଦ୍ଧାଚରଣ। ଏଥିପାଇଁ |

| | |
|---|---|
| deliberately disregard them is sacrilegious. For this, the individual is under continuous divine surveillance. The Prophet (S) also exhorted that even if the other fellow tries to sabotage the relationship bond, one should still stick on unilaterally. He declared: Whosoever wishes augmentation of provisions and elongation of life period must indulge in obliging and appeasing the relatives (*Sila-Rahmi*). | ଈଶ୍ୱର ସବୁବେଳେ ମଣିଷ ଉପରେ ନଜର ରଖିଥାନ୍ତି। ଏହି ଧର୍ମଗୁରୁ (ବୃନ୍ଦ) ମଧ୍ୟ କହିଛନ୍ତି ଯେ, ଯଦି ଅନ୍ୟମାନେ ସଂପର୍କରେ ଥିବା ବନ୍ଧନ ପ୍ରତି ବିଶ୍ୱାସଘାତ କରନ୍ତି, ଜଣେ ଏକକ ଭାବରେ ନିଜର ଦାୟିତ୍ୱରେ ଅଟଳ ରହିବା ଉଚିତ୍। ସେ ଘୋଷଣା କରିଥିଲେ ଯେ, ଏହି ବ୍ୟବସ୍ଥାରେ ସାମିଲ୍ ରହନ୍ତି ଏବଂ ସଂପର୍କୀୟମାନଙ୍କ ପ୍ରତି ଦାୟିତ୍ୱ ନିର୍ବାହ ଓ ତାଙ୍କର ଆନନ୍ଦ ପାଇଁ କାର୍ଯ୍ୟ କରନ୍ତି ସେମାନେ ଦୀର୍ଘଜୀବୀ ହୁଅନ୍ତି (ସିଲା-ରାହମି)। |
| | |
| Abu Huraira (R) complained, "I try to strengthen the bonding while some of the relatives frustrate my efforts"; the Prophet (S) informed him that till he does that an angel would remain deployed by his side. God further desires (26.214) us to keep reminding the society about such injunctions of *Shari'at*. Also, He cautions us that the relatives deserve our attention on priority vis a vis the other members of the society (33.6). According to *Tafhim-ul-Quran* any act of charity done ignoring and superseding the needy relatives doesn't squarely measure up to the divine reckoning. There is a special mention in the Book regarding helping the relatives who are orphan (*Yateemanzamaqraba* - 90.15) that commands greater reward. We are forewarned (47.22) that our going against these heavenly writs may tantamount to twisting the basic infrastructure leading to societal upheaval; God detests and deprecates such assailants of His design. *Tafhim-ul-Quran* says that this verse enlists *Qata-Rahmi* (cutting off a natural relationship) among the fundamental prohibitions *(Haraam)*. Conversely, Sila-Rahmi has been bracketed (2.177, 4.36)among the best deeds (*A'maal-e-Saaleh*). | ଅବୁ ହୁରାଇରା (ଆର୍) ଅଭିଯୋଗ କରିଥିଲେ, "ମୁଁ କେତେକେ ସଂପର୍କୀୟଙ୍କ ସହିତ ବନ୍ଧନ ଦୃଢ଼ କରିବାକୁ ଚେଷ୍ଟା କରୁଥିବା ସମୟରେ ଆଉ କେତେକେ ସଂପର୍କୀୟ ମୋର ଏହି ଉଦ୍ୟମକୁ ନିରାଶ କରିଥିଲେ"; ଧର୍ମଗୁରୁ (ବୃନ୍ଦ) ତାଙ୍କୁ ଜଣାଇ ଦେଇଥିଲେ ଯେ, ଯେ ପର୍ଯ୍ୟନ୍ତ ସେ ଏହି କାର୍ଯ୍ୟ କରୁଥାନ୍ତି ଜଣେ ଦେବଦୂତ ତାଙ୍କ ସହିତ ତାଙ୍କ ହେପାଜତ୍ ପାଇଁ ନିଯୁକ୍ତ ହୋଇଥାନ୍ତି। ଈଶ୍ୱର ଏହା ସହିତ ଇଚ୍ଛା କରନ୍ତି ଯେ, (୨୬.୨୧୪) ଆମେ ସମାଜରେ ଏପରି ସରିୟାତ୍‌କୁ ପାଳନ କରିବା ପାଇଁ ମନେପକାଇ ଦେବା ଉଚିତ୍। ଏହା ସହିତ ମଧ୍ୟ ସେ ଆମକୁ ସାବଧାନ କରାଇ ଦିଅନ୍ତି ଯେ, ଆମ ପରିବାରର ସଦସ୍ୟ ବା ସଂପର୍କୀୟମାନଙ୍କ ପରି ସମାଜର ଅନ୍ୟ ସଦସ୍ୟମାନଙ୍କ ପ୍ରତି ମଧ୍ୟ ଆମର ଦାୟିତ୍ୱ ରହିଛି (୩୩.୬) ତାଫିମ୍-ଉଲ୍-କୋରାନ୍ ଅନୁଯାୟୀ ଯେ କୌଣସି ଦାତବ୍ୟ କାର୍ଯ୍ୟ ଯାହାକି ଦରିଦ୍ର ବା ସେବା ଚାହୁଁଥିବା ସଂପର୍କୀୟମାନଙ୍କୁ ଅଣଦେଖା କରି ବା ଅତିକ୍ରମ କରି କରାଯାଇଥାଏ ତାହା ଈଶ୍ୱରଙ୍କ ଆଶୀର୍ବାଦ ପାଇଁ ଯୋଗ୍ୟ ହୋଇନଥାଏ। ଏହି ପୁସ୍ତକରେ ଯେଉଁ ସଂପର୍କୀୟମାନେ ଅନାଥ ହୋଇଥାନ୍ତି ସେମାନଙ୍କୁ ସାହାଯ୍ୟ କରିବା ପାଇଁ ମଧ୍ୟ ସ୍ୱତନ୍ତ୍ର ବର୍ଣ୍ଣନା ରହିଛି, ଯାହାକି ଆହୁରି ମହତ ସମ୍ମାନ ଆଣିଦିଏ (ୟତିମ୍ ମାନଯାମାକ୍ୱାର୍ବା- ୯୦.୧୫)। ଆମକୁ ଏହା ସହିତ ସତର୍କ କରାଇ ଦିଆଯାଇଛି (୪୭.୨୨) ଆମେ ଏହି ଈଶ୍ୱରଙ୍କ ବିଧିର ବିରୋଧାଚରଣ କଲେ ସମାଜର ମୌଳିକ ଭିତ୍ତିଭୂମି ଖଣ୍ଡିତ ହୋଇପାରେ; ଈଶ୍ୱର ଏପରି ଘାତକମାନଙ୍କୁ ତାଙ୍କ ଶୈଳୀରେ ଦଣ୍ଡ ଦେଇଥାନ୍ତି ଏବଂ ପରୀକ୍ଷା କରିଥାନ୍ତି। ତାଫିମ୍-ଉଲ୍-କୋରାନ୍ କହେ ଯେ, ଏହି ପଦରେ ମୌଳିକ ନିଷେଧାଜ୍ଞା (ହରାମ୍)ରେ ରହିଛି କ୍ୱାତା-ରହମି (ଏକ ପ୍ରାକୃତିକ ସଂପର୍କ ଛିଡ଼ାଇ ଦେବା)। ଏହା ସହିତ ସିଲା-ରହମିକୁ ଶ୍ରେଷ୍ଠ କାର୍ଯ୍ୟ ମଧ୍ୟରେ ବନ୍ଧନୀଭୁକ୍ତ କରାଯାଇଛି (୨.୧୭୭, ୪.୩୬)। (ଅମାଲ-ଇ- ସାଲିହ) |
| | |
| According to the commentators all the relatives - distant & close - of an individual constitute what is known as *ZawilArhaam*. For special consideration of this group God has used (42.23) the term *Al-mawaddataFil-Qurba*. Closer the relationship more intense is the obligation | ମନ୍ତବ୍ୟ ପ୍ରଦାନକାରୀଙ୍କ ଅନୁଯାୟୀ ଜଣେ ବ୍ୟକ୍ତିଙ୍କର ସମସ୍ତ ସଂପର୍କୀୟ- ଦୂର ଏବଂ ନିକଟମାନଙ୍କୁ କୁହାଯାଏ ଜାୱିଲଆର୍ହାମ୍ । ଏହି ଗୋଷ୍ଠୀକୁ ସ୍ୱତନ୍ତ୍ର ଭାବରେ ବିଚାର କରିବା ପାଇଁ ଈଶ୍ୱର ଅଲ୍-ମାୱାଦତ୍ ଫିଲ୍-କୁର୍ବା ବ୍ୟବହାର କରିଛନ୍ତି। ଘନିଷ୍ଠ ସଂପର୍କଗୁଡ଼ିକ ପ୍ରତି ଦାୟିତ୍ୱ ଅଧିକ ହୋଇଥାଏ ଏବଂ ଏହି ସଂପର୍କକୁ ଛାଡ଼ିଦେବା ବା ସଂପର୍କ ନ ରଖିବା |

| | |
|---|---|
| and bigger is the sin for pausing or laying off the relationship. As per divine scheme *ZawilArhaam* has been made internally self-sufficient. In a kaleidoscope, turning around the cylinder in a circular motion shows different designs and colour combinations. Similar is the internal mechanism of *ZawilArhaam*: in the group of relatives some are very rich, some very poor, some on the threshold, some very learned, some illiterate, but the group as a whole is internally self-reliant. God keeps a tab on every group member as to his/her behavior with others. God's minimum expectation from us under *Sila-Rahmi* is to "not avoid what best one is capable of doing" for the fellow group members. In two verses of Quran Karim (17.26 & 30.38) *Sila-Rahmi* has been declared as the right of the needy relatives in the assets & capabilities of the better off members of *ZawilArhaam*. Mind you, God may sometimes even turn around the kaleidoscope of *ZawilArhaam* and thereafter the red color may begin looking white ..and the white, pink etc. *Qata-Rahmi*is ill-treatment with the relatives or deliberately not doing what best one is capable of doing with the relatives. In 17.26 God enjoins upon us not to be spend-thrift and squander away our wealth & income and, instead, discharge the obligations of the needy relatives. | ବଡ଼ ପାପ ହୋଇଥାଏ। ଈଶ୍ୱରଙ୍କ ବ୍ୟବସ୍ଥା ଅନୁଯାୟୀ ଜାୱିଲଆର୍ହାମ୍ ଭିତରେ ଭିତରେ ସ୍ୱୟଂ ସଂପୂର୍ଣ୍ଣ ହୋଇଥାଏ। ଏକ କଲୋଇଡରସ୍କୋପ୍ ରେ ସିଲିଣ୍ଡରକୁ ବୃତ୍ତାକାର ଗତିରେ ଘୂରାଇଲେ ଏହା ଭିନ୍ନ ଭିନ୍ନ ରଂଗ ଓ ଚିତ୍ରର ସମାହାରକୁ ଦେଖାଇଥାଏ। ଠିକ୍ ସେହିପରି ଜାୱିଲଆର୍ହାମ୍ର ଆଭ୍ୟନ୍ତରୀଣ ବ୍ୟବସ୍ଥାରେ, ସଂପର୍କୀୟମାନଙ୍କ ଗୋଷ୍ଠୀରେ କେତେକେ ଧନୀ ହୋଇଥାନ୍ତି, କେତେକେ ଗରିବ, କେତେକେ ଜୀବନ ସଂଗ୍ରାମ ପାଇଁ ଲଢୁଥାନ୍ତି, କେତେକେ ଖୁବ୍ ବିଜ୍ଞ ହୋଇଥାନ୍ତି, କେତେକେ ନିରକ୍ଷର ହୋଇଥାନ୍ତି, କିନ୍ତୁ ଏହି ଗୋଷ୍ଠୀ ସାମଗ୍ରୀକ ଭାବରେ ଆଭ୍ୟନ୍ତରୀଣ ଭାବରେ ନିଜ ଉପରେ ଭରସା କରିଥାଏ। ଈଶ୍ୱର ପ୍ରତି ଗୋଷ୍ଠୀର ସଦସ୍ୟଙ୍କ ଉପରେ ନଜର ରଖି ତାଙ୍କର ଅନ୍ୟମାନଙ୍କ ପ୍ରତି ବ୍ୟବହାର ତଦାରଖ କରିଥାନ୍ତି। ଆମ ଠାରୁ ଈଶ୍ୱରଙ୍କର ସର୍ବନିମ୍ନ ପ୍ରତ୍ୟାଶା ସିଲା-ରହମି ଅଧିନରେ ହେଉଛି ନିଜ ସଂପର୍କୀୟ ଗୋଷ୍ଠୀ ମଧ୍ୟରେ "ଜଣେ ଯାହା କରିବାକୁ ସମର୍ଥ ତାହାକୁ କେବେବି ଏଡ଼ାଇବ ନାହିଁ"। କୋରାନ୍‌କରିମ୍ (୧୭.୨୬ ଏବଂ ୩୦.୩୮)ର ଦୁଇ ପଦରେ ଜାୱିଲଆର୍ହାମ୍ର ସଦସ୍ୟମାନଙ୍କର ଦୁଃଖୀ ବା ଦରିଦ୍ର ସଂପର୍କୀୟମାନଙ୍କର ଧନୀ ବା ପ୍ରତିପତିଶାଳୀ ସଂପର୍କୀୟମାନଙ୍କର ସଂପତ୍ତି ଓ ସାମର୍ଥ୍ୟ ଉପରେ ଅଧିକାର ରହିଛି। ମନେରଖନ୍ତୁ ଈଶ୍ୱର କେବେ କେବେ ଜାୱିଲଆର୍ହାମ୍ ର କଲୋଇଡୋସ୍କୋପ୍ ଘୂରାଇ ଦେଇପାରନ୍ତି ଏବଂ ନାଲି ରଂଗ ଧଳା ଦିଶିବାରେ... ଏବଂ ଧଳା ଗୋଲାପି ହୋଇଯାଇପାରେ। କ୍ୱାତା-ରହମି ହେଉଛି ସଂପର୍କୀୟମାନଙ୍କ ସହିତ ଖରାପ ବ୍ୟବହାର କିମ୍ବା ଉଦ୍ଦେଶ୍ୟ ପ୍ରଣୋଦିତ ଭାବରେ କରିବାକୁ ସମର୍ଥ ହେବା ସତ୍ତ୍ୱେ ସଂପର୍କୀୟମାନଙ୍କୁ ସାହାଯ୍ୟ ନ କରିବା। ୧୭.୨୬ରେ ଈଶ୍ୱର ଆମ ଉପରେ ଦାୟିତ୍ୱ ଦେଇଛନ୍ତି ଯେ ଆମେ ଆମର ଉପାର୍ଜନକୁ ମନଇଛା ଅଯସରେ ଖର୍ଚ୍ଚ ନ କରି ତାହା ପରିବର୍ତ୍ତେ ଆବଶ୍ୟକ ଥିବା ସଂପର୍କୀୟମାନଙ୍କ ପ୍ରତି ଦାୟିତ୍ୱ ନିର୍ବାହ କରିବା ଉଚିତ୍। |
| | |
| Simultaneously, God has also put a caveat (60.3) that even in order to favor the relatives nothing should be done in violation of God's law otherwise on the Judgement Day the relatives too would not be of help. Also in 4.135 God clarifies that we are expected to remain on the side of justice even though it goes against ourselves, our parents or any other relatives; be he/she rich or poor, God warrants our obedience in supersession of his/her interests. We need not let our desires have the upper hand vis a vis the divinely mandated straight path and should, rather, fulfill the promise that we've made to | ଏହା ସହିତ, ଈଶ୍ୱର ଏକ ସର୍ତ୍ତ ରଖିଛନ୍ତି ଯେ (୬୦.୩) ସଂପର୍କୀୟମାନଙ୍କର ମଙ୍ଗଳ କରିବା ପାଇଁ କୌଣସି ପ୍ରକାରରେ ଈଶ୍ୱରଙ୍କ ନିୟମ ଉଲ୍ଲଙ୍ଘନ କରିବା  ଅନୁଚିତ୍ ଅନ୍ୟଥା ବିଚାର ଦିବସରେ ସଂପର୍କୀୟମାନେ ମଧ୍ୟ ସହାୟକ ହେବେ ନାହିଁ। ଏହା ସହିତ ୪.୧୩୫ରେ ଈଶ୍ୱର ସ୍ପଷ୍ଟ କରିଦେଇଛନ୍ତି ଯେ ଆମ୍ଭେମାନେ ଆଶା କରୁଛୁ ଯେ ଆମର, ଆମ ପିତାମାତାଙ୍କର କିମ୍ବା ଆମ ସଂପର୍କୀୟମାନଙ୍କର ବିରୋଧରେ ଯାଉଥିଲେ ମଧ୍ୟ ଆମେ ନ୍ୟାୟ ପକ୍ଷରେ ରହିବୁ। ସେ ଧନୀ ହୁଅନ୍ତୁ କି ଗରିବ, ଈଶ୍ୱର ଚାହାଁନ୍ତି ଯେ ଆମେ ଆମର ସ୍ୱାର୍ଥକୁ ବଳି ଦେଇ ଈଶ୍ୱରଙ୍କ ନିୟମ ପାଳନ କରିବୁ। ଆମର ଇଛା ଆମ ଉପରେ ବଳବତୀ ହୋଇ ଆମ ପ୍ରତି ଈଶ୍ୱରଙ୍କ ନିର୍ଦ୍ଦେଶ ଓ ଜୀବନଧାରଣ ମାର୍ଗ ଉପରେ ରାଜୁତି କରିବାକୁ ଦେବୁ ନାହିଁ,  ଆମେ ଶ୍ରେଷ୍ଠାଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ |

| | |
|---|---|
| our Creator (6.152). God told the Prophet (S), 'Say, I do not ask from you for any compensation (for guiding to the right path) except valuing the natural relationships'. The scriptural research done by the famous commentator Hazrat Ashraf Ali Thanvi (R) tells us that patronizing the relatives amounts to pure observance of faith (*Iman*). | କରିବୁ (୬.୧୫୨)। ଈଶ୍ୱର ଧର୍ମଗୁରୁ(ମାନଙ୍କୁ) କହିଛନ୍ତି "କୁହ, ମୁଁ ତୁମମାନଙ୍କ ଠାରୁ ପ୍ରାକୃତିକ ସଂପର୍କକୁ ମୂଲ୍ୟ ଦବୋ ବ୍ୟତୀତ ଅନ୍ୟ କୌଣସି କ୍ଷତିପୂରଣ (ଉଚିତ୍ ମାର୍ଗରେ ଚାଲିବା ପାଇଁ ମାର୍ଗଦର୍ଶନ ନିମନ୍ତେ) ମାଗୁନାହିଁ। ଏହି ଧର୍ମଗ୍ରନ୍ଥ ଗବଷେଣା ପ୍ରସିଦ୍ଧ ଆଲେୋଚକ ହଜରତ୍ଅସରଫ୍ ଅଲ୍ଲୀ ଥାନ୍ଭି (ଆର୍)ଙ୍କ ଦ୍ୱାରା କରାଯାଇଥିଲା। ସେ କହନ୍ତି ଯେ, ଆମେ ଆମ ସଂପର୍କୀୟମାନଙ୍କ ସହାୟତା କରି କେବଳ ଆମର ଧର୍ମ ପାଳନ କରିଥାଉ। (ଇମାନ୍)। |
| | |
| *The author is President, Zakat Foundation of India ZakatIndia.org* | *ଏହାର ଲେଖକ ହେଉଛନ୍ତି ଭାରତର ଜାକତ୍ ପ୍ରତିଷ୍ଠାନର ସଭାପତି ZakatIndia.org* |
| | |